# ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା

**କୃଷି ବିଭାଗ, ଓଡିଶା ସରକାର ଏବଂ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ**

**ନିରାପଦ କୃଷକ, ଦେଶର ଗର୍ବ**

HDFC ERGO

Take it easy!

ଓଡ଼ିଶା ସରକାରଙ୍କ ଏବଂ ଭାରତ ସରକାରଙ୍କ ଦ୍ୱାରା ସମ୍ପାଦିତ



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ପ୍ରାକୃତିକ ବିପର୍ଯ୍ୟୟ, କୀଟନାଶକ ଆକ୍ରମଣ କିମ୍ବା ଅପ୍ରତ୍ୟାଶିତ ଘଟଣା ଯୋଗୁଁ ଫସଲ ନଷ୍ଟ / ବିଫଳତା କ୍ଷେତ୍ରରେ କୃଷକମାନଙ୍କୁ ବୀମା ସୁରକ୍ଷା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ।

ଏହିପରି ଭାବରେ, ଏହି ଯୋଜନା କୃଷକମାନଙ୍କୁ ଅର୍ଥନୈତିକ ସ୍ଥିରତା ପ୍ରଦାନ କରୁଛି ଏବଂ ଅଭିନବ ତଥା ଆଧୁନିକ କୃଷି ଅଭ୍ୟାସ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରି ଚାଷରେ ନିରନ୍ତରତା ସୁନିଶ୍ଚିତ କରୁଛି ।

## ଏହି ଯୋଜନାରୁ କିଏ ଉପକୃତ ହୋଇପାରିବେ

ଅଧିସୂଚିତ ଅଞ୍ଚଳରେ ଅଧିସୂଚିତ ଫସଲ ବଢାଉଥିବା ଭାଗଚାଷୀ ଏବଂ ଅନୁବନ୍ଧିତ କୃଷକଙ୍କ ସମେତ ସମସ୍ତ କୃଷକ କଭରେଜ୍ ପାଇବାକୁ ଯୋଗ୍ୟ ଅଟନ୍ତି । ତେବେ, ଅଧିସୂଚିତ / ବୀମାଭୁକ୍ତ ଫସଲ ପାଇଁ କୃଷକମାନଙ୍କର ବୀମାଯୋଗ୍ୟ ଆଗ୍ରହ ରହିବା ଉଚିତ୍ । ଏହି ଯୋଜନା ଋଣୀ ଚାଷୀଙ୍କ ସମେତ ସମସ୍ତ ଚାଷୀଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ କରାଯାଇଛି । ସମସ୍ତ କୃଷକ ଯେଉଁମାନେ ଅଧିସୂଚିତ ଫସଲ ପାଇଁ ଋତୁକାଳୀନ କୃଷି କାର୍ଯ୍ୟ ପାଇଁ ଋଣ ନେଇଛନ୍ତି ଅର୍ଥାତ କୌଣସି ବିତ୍ତୀୟ ପ୍ରତିଷ୍ଠାନ (ସମବାୟ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ, ଘରୋଇ ବ୍ୟାଙ୍କ ଇତ୍ୟାଦି) ରୁ ଋଣ ଗ୍ରହଣ କରିଛନ୍ତି ଏବଂ ଯେଉଁମାନେ ଅନ୍ତିମ ତାରିଖର 7 ଦିନ ପୂର୍ବରୁ ଏହି ଯୋଜନାକୁ ବାଦ୍ ପଡ଼ି ନାହାଁନ୍ତି, ସେମାନେ ସେମାନଙ୍କ ବିତ୍ତୀୟ ପ୍ରତିଷ୍ଠାନଗୁଡିକ ଦ୍ୱାରା ସ୍କିମ୍ ଅନୁଯାୟୀ ନାମାଙ୍କନ ପାଇଁ ଯୋଗ୍ୟ ବିବେଚିତ ହେବେ ।

## କଣ ବୀମାଭୁକ୍ତ ଅଟେ

ଫସଲ କ୍ଷୟକ୍ଷତିର କାରଣ ହୋଇଥିବା ନିମ୍ନୋକ୍ତ ଫସଲ ଆପଦ ପର୍ଯ୍ୟାୟ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ:

- ବୁଣିବା / ରୋପଣ ନକରିବା ପାରିବା/ ଅଙ୍କୁରୋଦ୍‌ଗମ ଆପଦ: ସୁରକ୍ଷା ପ୍ରଦାନ କରାଯାଏ ଯେଉଁଠାରେ ଅଭାବୀ ବର୍ଷା କିମ୍ବା ପ୍ରତିକୂଳ ଋତୁ / ପାଣିପାଗ ପରିସ୍ଥିତି ହେତୁ ବୀମାଭୁକ୍ତ ଅଞ୍ଚଳ ବୁଣିବା / ରୋପଣ / ଅଙ୍କୁରୀତ ହେବା ପ୍ରତିରୋଧିତ ହୋଇଥାଏ
- ବିସ୍ତୃତ ଆପଦ ବୀମା କଭରେଜ୍: ଛିଡ଼ା ହୋଇଥିବା ଫସଲ (ବିହନ ବୁଣିବା ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ) ପାଇଁ ଅପ୍ରତିରୋଧକ୍ଷମ ଆପଦ ହେତୁ ଅମଳ ଜନିତ କ୍ଷତି ଭରିବା ପାଇଁ ବ୍ୟାପକ ଆପଦ ବୀମା କଭରେଜ୍ ପ୍ରଦାନ କରାଯାଇଛି । ପ୍ରକୃତ ଅମଳର ଆକଳନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶସ୍ୟ କାଟିବା ପରୀକ୍ଷଣ ଦ୍ୱାରା ପ୍ରାପ୍ତ ହୋଇଥାଏ ।
- ଅମଳ ପରବର୍ତ୍ତୀ କ୍ଷତି: କୁଆପଥର, ଘୂର୍ଣ୍ଣିବଳୟ, ବାତ୍ୟାଜନିତ ବର୍ଷା ଏବଂ ଅମଳ ପରେ କ୍ଷେତରେ ଶୁଖିବା ପାଇଁ କଟା ଯାଇଥିବା ଏବଂ ବିସ୍ତାର / ଛୋଟ ବଣ୍ଡଲ୍ ଅବସ୍ଥାରେ ରଖାଯାଇଥିବା ସେହି ଫସଲ ପାଇଁ ଅମଳ ଠାରୁ ସର୍ବାଧିକ 14 ଦିନ ପର୍ଯ୍ୟନ୍ତ ଉପଲବ୍ଧ ଅଟେ । ବିପର୍ଯ୍ୟୟର 72 ଘଣ୍ଟା ମଧ୍ୟରେ ସିଧାସଳଖ ବୀମା କମ୍ପାନୀ ଟୋଲ୍ ଫ୍ରୀ ନମ୍ବର କିମ୍ବା ସଂପୃକ୍ତ ବ୍ୟାଙ୍କ, ସ୍ଥାନୀୟ କୃଷି ବିଭାଗ ସରକାରୀ / ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଦାବି ସୂଚନା ପ୍ରଦାନ କରାଯାଇପାରେ ।
- ଆଞ୍ଚଳିକ ବିପର୍ଯ୍ୟୟ: ଅଧିସୂଚିତ ଅଞ୍ଚଳରେ ବିଚ୍ଛିନ୍ନ କୃଷକମାନଙ୍କ ଉପରେ ବଜ୍ରପାତ ହେତୁ କୁଆପଥର ମାଡ, ଭୂସ୍ଖଳନ, ଜଳପ୍ଲାବନ, ବାଦଲ ଫାଟିବା ଏବଂ ପ୍ରାକୃତିକ ଅଗ୍ନିକାଣ୍ଡର ସ୍ଥାନୀୟ ବିପଦ ହେତୁ ଅଧିସୂଚିତ ବୀମା ଫସଲର କ୍ଷତି / ନଷ୍ଟ । ପ୍ରଭାବିତ କୃଷକଙ୍କ ଦ୍ୱାରା ବିପର୍ଯ୍ୟୟର 72 ଘଣ୍ଟା ମଧ୍ୟରେ ସିଧାସଳଖ ବୀମା କମ୍ପାନୀ ଟୋଲ୍ ଫ୍ରୀ ନମ୍ବର କିମ୍ବା ସଂପୃକ୍ତ ବ୍ୟାଙ୍କ, ସ୍ଥାନୀୟ କୃଷି ବିଭାଗ ସରକାରୀ / ଜିଲ୍ଲା ଅଧିକାରୀଙ୍କୁ ଦ୍ୱାରା ଦାବି ସୂଚନା ପ୍ରଦାନ କରାଯାଇପାରେ ।

## ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍

- ଆଧାର କାର୍ଡର କପି
- ଉପଯୁକ୍ତ ଭାବରେ ଭରାଯାଇଥିବା ପ୍ରସ୍ତାବ ଫର୍ମର ନକଲ ବା କପି
- ସର୍ବଶେଷ ଜମି ରେକର୍ଡ / ରାଜ୍ୟ ରେକର୍ଡ ଅଫ୍ ରାଇଟ୍ (RoR) / ଜମି ଅଧିକାର ପ୍ରମାଣପତ୍ର (LPC) / ଖସଡ଼ା ଇତ୍ୟାଦିର କପି
- ଅନୁବନ୍ଧିତ ଚାଷୀଙ୍କ ପାଇଁ ପ୍ରଯୁଜ୍ୟ ଚୁକ୍ତିନାମା / ଚୁକ୍ତିନାମା ପାଇଁ ଆଫିଡେଭିଟ୍
- ଐଏଫଇ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା ବାତିଲ ହୋଇଥିବା ଚେକ୍ ଥିବା ବ୍ୟାଙ୍କ ପାସବୁକ୍ ର କପି
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଫସଲ ବୁଣିବା ପାଇଁ ଉଦ୍ଦିଷ୍ଟ ବୁଣିବା ପ୍ରମାଣପତ୍ର କିମ୍ବା ଆତ୍ମ ଘୋଷଣା

## କଭରେଜ୍ ଏବଂ ଦାବିଗୁଡିକ ପାଇଁ ପୂର୍ବ ସର୍ତ୍ତ:

- ସୁଦୂର ବ୍ୟାପକ ବିପର୍ଯ୍ୟୟ (ଋତୁ ଶେଷ ଅମଳ ଉପରେ ଆଧାରିତ): କ୍ଷେତ୍ର ଆଭିମୁଖ୍ୟ ଆଧାରରେ ଦାବିଗୁଡିକ ସମାଧାନ କରାଯାଏ । ପ୍ରକୃତ ଅମଳର ଆକଳନ ରାଜ୍ୟ ସରକାରଙ୍କ ଦ୍ୱାରା ବୀମା ୟୁନିଟ୍ ସ୍ତରରେ ଆୟୋଜିତ ଶସ୍ୟ କାଟିବା ପରୀକ୍ଷଣ ମାଧ୍ୟମରେ ପ୍ରାପ୍ତ ହୋଇଛି ଏବଂ ଅମଳର ଅଭାବ ନିଶ୍ଚିତ ହୋଇଥିବା (ଥ୍ରେସହୋଲ୍ଡ) ଅମଳ ଏବଂ ସାମ୍ପ୍ରତିକ ଋତୁର ପ୍ରକୃତ ଅମଳ ମଧ୍ୟରେ ପାର୍ଥକ୍ୟରୁ ନିର୍ଣ୍ଣୟ କରାଯାଏ । ଦାବିଗୁଡିକ ସେହି ଅନୁଯାୟୀ ସମାଧାନ ହେବ ।
- ଦାବିଗୁଡିକର ଆକାଉଣ୍ଟ ପେମେଣ୍ଟ ଉପରେ: ଏହା ସେହି ଫସଲଗୁଡିକ ପାଇଁ ପ୍ରଯୁଜ୍ୟ ଯେଉଁଠାରେ ପ୍ରତିକୂଳ ଋତୁ କାରଣରୁ ପ୍ରଭାବିତ ଫସଲର ଆଶା ସାଧାରଣ ଫସଲର 50% ରୁ କମ୍ ଅଟେ । ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ବୀମା ୟୁନିଟ୍‌ରେ ଏକ ନିର୍ଦ୍ଦିଷ୍ଟ ଫସଲ କିମ୍ବା ଫସଲ ସମୂହ ପାଇଁ ବିଭିନ୍ନ ପ୍ରକ୍ସି ସୂଚକ ଆଧାରରେ କ୍ଷତି ବିଜ୍ଞପ୍ତି ମାଧ୍ୟମରେ ଏହି ବ୍ୟବସ୍ଥା ଉପଯୋଗ କରାଯାଇପାରେ ଯେପରିକି ବୃଷ୍ଟିପାତ ତଥ୍ୟ, ଅନ୍ୟାନ୍ୟ ପାଣିପାଗ ତଥ୍ୟ, ଉପଗ୍ରହ ଚିତ୍ର ଇତ୍ୟାଦି । ଯଦି ସାଧାରଣ ଅମଳ ସମୟର 15 ଦିନ ମଧ୍ୟରେ ପ୍ରତିକୂଳ ପରିସ୍ଥିତି ଉପୁଜେ, ତେବେ ଏହି ବ୍ୟବସ୍ଥା ଉପଯୋଗ କରାଯିବ ନାହିଁ । ବ୍ୟବସ୍ଥା ଲାଗୁ ହେବାପରେ, ଦେୟ ରାଶି ସମ୍ଭାବ୍ୟ ଦାବିଗୁଡିକର 25% ହେବ, ଯାହାକି ଚୂଡ଼ାନ୍ତ ଦାବିଗୁଡିକ ବିରୁଦ୍ଧରେ ସମାଯୋଜନ ଅଧୀନ ଅଟେ ।

- ବିହନ ବୁଣିବାରେ ପ୍ରତିବନ୍ଧ/ବିଫଳ ହେବା ଏବଂ ରୋପଣ ନକରିପାରିବା/ ଅଙ୍କୁରୋଦ୍‌ଗମ ଦାବି: ବୁଣାଯାଇଥିବା 75% ରୁ ଅଧିକ ଅଞ୍ଚଳରେ ଫସଲ ଉପରେ ବ୍ୟାପକ ପ୍ରଭାବ ହେତୁ କୃଷକମାନଙ୍କୁ ବୀମା କଭର ଯୋଗାଇ ଦିଆଯିବ । ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା ବୃଷ୍ଟିପାତ ତଥ୍ୟ, ଅନ୍ୟାନ୍ୟ ପାଣିପାଗ ତଥ୍ୟ ଏବଂ ସାଟେଲାଇଟ୍ ଚିତ୍ର ପରି ପ୍ରକ୍ସି ସୂଚକାଙ୍କ ଉପରେ ଆଧାରିତ ସୂଚନା ମାଧ୍ୟମରେ ଉପଯୋଗ କରାଯାଇଛି । ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ନାମାଙ୍କନ ତାରିଖର 15 ଦିନ ମଧ୍ୟରେ ସୂଚିତ ହେବା ଆବଶ୍ୟକ । ଥରେ ଏହି ବ୍ୟବସ୍ଥା ଉପଯୋଗ ହେବା ପରେ ରିହାତି ପାଇବା ଅଧୀନରେ ଦାବି 30 ଦିନ ମଧ୍ୟରେ ସମାଧାନ ହେବ ।
- ଅମଳ ପରବର୍ତ୍ତୀ କ୍ଷତି ଏବଂ ସ୍ଥାନୀୟ ବିପର୍ଯ୍ୟୟ: ଅମଳର କ୍ଷତି ଆକଳନ ବ୍ୟକ୍ତିଗତ ପ୍ଲଟ୍ ଆଧାରରେ କରାଯିବ । ବୀମାଭୁକ୍ତ କୃଷକ ବିପର୍ଯ୍ୟୟ ପରେ 72 ଘଣ୍ଟା ମଧ୍ୟରେ ଅବଗତ କରିବା ଉଚିତ୍ । ପ୍ରମାଣର ଏକ ଦସ୍ତାବିଜ୍ ଭାବରେ, 7 ଦିନ ମଧ୍ୟରେ ଉପଯୁକ୍ତ ଭାବରେ ପୂରଣ ହୋଇଥିବା ଏକ ଦାବି ପତ୍ର ଦାଖଲ କରାଯିବା ଉଚିତ୍ ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅଧିସୂଚିତ ଫସଲ, ପ୍ରିମିୟମ ହାର ଏବଂ ବୀମା ରାଶି ସମ୍ବନ୍ଧିତ ବିବରଣୀ ନିମ୍ନପ୍ରକାର

| ଋତୁ | ଜିଲ୍ଲା | ଅଧିସୂଚିତ ଫସଲ | ଫସଲ ଆଧାରିତ ବୀମା (ଟ. ରେ ପ୍ରତି ହେକ୍ଟର) | କୃଷକ ହାର | କୃଷକ କିସ୍ତି |
|---|---|---|---|---|---|
| ଖରିଫ୍ | ଦେବଗଡ | ଚିନା ବାଦାମ | ୫୫୦୦୦ | ୧.୬୦% | ୮୮୦ |
| ଖରିଫ୍ | ଦେବଗଡ | ମକା | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | ଦେବଗଡ | ଧାନ | ୬୫୦୦୦ | ୨.୦୦% | ୧୩୦୦ |
| ଖରିଫ୍ | ଦେବଗଡ | ହରଡ଼ | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | କେନ୍ଦ୍ରାପଡ଼ା | ଧାନ | ୫୮୦୦୦ | ୨.୦୦% | ୧୧୬୦ |
| ଖରିଫ୍ | ମୟୂରଭଂଜ | ମକା | ୬୯୫୪୦ | ୨.୦୦% | ୧୩୯୦.୮ |
| ଖରିଫ୍ | ମୟୂରଭଂଜ | ଧାନ | ୭୪୬୦୦ | ୨.୦୦% | ୧୪୯୨ |
| ଖରିଫ୍ | ମୟୂରଭଂଜ | ହରଡ଼ | ୩୯୦୮୮ | ୧.୬୦% | ୬୨୫.୪୧ |
| ଖରିଫ୍ | ନବରଂଗପୁର | ଚିନା ବାଦାମ | ୫୮୭୫୦ | ୨.୦୦% | ୧୧୭୫ |
| ଖରିଫ୍ | ନବରଂଗପୁର | ମକା | ୮୦୨୫୦ | ୨.୦୦% | ୧୬୦୫ |
| ଖରିଫ୍ | ନବରଂଗପୁର | ଧାନ | ୭୮୫୦୦ | ୨.୦୦% | ୧୫୭୦ |
| ଖରିଫ୍ | ବରଗଡ | କପା | ୫୨୫୦୦ | ୫.୦୦% | ୨୬୨୫ |
| ଖରିଫ୍ | ବରଗଡ | ଚିନା ବାଦାମ | ୫୨୫୦୦ | ୨.୦୦% | ୧୧୦୫ |
| ଖରିଫ୍ | ବରଗଡ | ଧାନ | ୬୭୫୦୦ | ୨.୦୦% | ୧୩୫୦ |
| ଖରିଫ୍ | ଭଦ୍ରକ | ଧାନ | ୬୭୦୦୦ | ୨.୦୦% | ୧୩୪୦ |
| ଖରିଫ୍ | ଗଜପତି | କପା | ୬୫୧୨୫ | ୫.୦୦% | ୩୨୫୬.୨୫ |
| ଖରିଫ୍ | ଗଜପତି | ଚିନା ବାଦାମ | ୪୯୫୦୦ | ୨.୦୦% | ୯୯୦ |
| ଖରିଫ୍ | ଗଜପତି | ମକା | ୪୦୨୫୦ | ୨.୦୦% | ୮୦୫ |
| ଖରିଫ୍ | ଗଜପତି | ଧାନ | ୬୦୦୦୦ | ୨.୦୦% | ୧୨୦୦ |
| ଖରିଫ୍ | ଗଜପତି | ମାଣ୍ଡିଆ | ୨୫୦୦୦ | ୧.୬୦% | ୪୦୦ |
| ଖରିଫ୍ | ଜଗତସିଂହପୁର | ଧାନ | ୫୭୫୦୦ | ୨.୦୦% | ୧୧୫୦ |
| ଖରିଫ୍ | ଯାଜପୁର | ଧାନ | ୬୨୫୦୦ | ୨.୦୦% | ୧୨୫୦ |

**Email: pmfby.odisha@hdfcergo.com**

ନାମଙ୍କନର ଶେଷ ତାରିଖ (ଖରିଫ 2020): 31-07-2020

ଏହି ଯୋଜନା ପାଇଁ ଅଧିକ ସୂଚନା ପାଇବା ନିମନ୍ତେ, ଦୟାକରି କଲ୍ କରନ୍ତୁ:
ଟୋଲ୍ ଫ୍ରୀ ନଂ. **1800 2660 700**

ଇମେଲ୍:
ଅଣ-ଋଣୀ କୃଷକମାନେ ନିକଟତମ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ସେମାନଙ୍କ ଫସଲ ବୀମା କରିପାରିବେ । ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ / ବୀମା ମଧ୍ୟସ୍ଥି / ସାଧାରଣ ସେବା କେନ୍ଦ୍ର (CSC) / ୱେବସାଇଟ୍ ଲିଙ୍କ୍ ମାଧ୍ୟମରେ ସ୍ୱୟଂ ନାମାଙ୍କନ: https://pmfby.gov.in/farmerLogin

ଏଚ୍‌ଡିଏଫ୍‌ସି ଏର୍ଗୋ ସାଧାରଣ ବୀମା କମ୍ପାନୀ ଲିମିଟେଡ୍ ଆଇଆର୍‌ଡିଏଆଇ ପଞ୍ଜିକରଣ ନଂ. ୧୪୬ । ସିଆଇଏନ୍: U66030MH2007PLC177117 ପଞ୍ଜିକୃତ ଏବଂ କର୍ପୋରେଟ୍ ଅଫିସ୍: ପ୍ରଥମ ମହଲା, ଏଚ୍‌ଡିଏଫ୍‌ସି ହାଉସ୍, ୧୬୫-୧୬୬ ବ୍ୟାକବେ ରିକ୍ଲେମେଶନ୍, ଏଚ୍.ଟି. ପରେଖ ମାର୍ଗ, ଚର୍ଚ୍ଚଗେଟ୍, ମୁମ୍ବାଇ - ୪୦୦ ୦୨୦ । ଆପଦକାରକ, ସର୍ତ୍ତ ଓ ନିୟମାବଳୀ ବିଷୟରେ ଅଧିକ ବିବରଣୀ ପାଇଁ, ଦୟାକରି ବିକ୍ରି ନିର୍ଦ୍ଧାରଣ ପୂର୍ବରୁ ସେଲ୍‌ସ ବ୍ରୋଶର୍ / ପ୍ରୋସପେକ୍ଟସ ପଢନ୍ତୁ । ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏବଂ ଏର୍ଗୋ ।UIN: Pradhan Mantri Fasal Bima Yojan - IRDAN125P0003V01201617 | CSC - Pradhan Mantri Fasal Bima Yojan - HDE-AG-P18-25-V01-17-18. UID: 6066